# Akashvani, Sambalpur

# SAMBALPURI NEWS BULLETIN

## 7 November 2024- 6.47- 6.52 am.

**********************************************

ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜ୍‌ନା   ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଖୋବ୍ ଜଲ୍‌ଦି ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜ୍‌ନା ମୁଲ୍ କରିକରି ଫି’ ପଂଚାୟତ୍ ନ ଗୁଟେ ଲେଖା ଅତ୍ୟାଧୁନିକ୍ ପ୍ରାଥମିକ ବିଦ୍ୟାଳୟର୍ ନିର୍ମାଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର୍ ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସତ୍ୟବାଦୀ ବନ ବିଦ୍ୟାଳୟ ବାଗିର୍ ୬ ହଜାର୍ ୭ ଶହ ୯୪ ଟା ବିଦ୍ୟାଳୟ ନ ଆଦର୍ଶ ଶିକ୍ଷା ପରିବେଶ୍ ସୃଷ୍ଟି କର୍‌ବାର୍‌କେ ଲକ୍ଷ୍ୟ ରହିଛେ । ଇ ଯୋଜ୍‌ନାଥି ନୂଆଁ କ୍ଲାସ୍‌ରୁମ୍, ସବୁଜ ପରିବେଶ୍, ଡିଜିଟାଲ୍ ଲାଇବ୍ରେରୀ ଆର୍ ଲାଙ୍ଗୁଏଜ୍ ଲେବ୍  ବାଗିର୍ ଆଧୁନିକ ସୁବିଧାର୍ ବ୍ୟବସ୍ଥା କରାଯିବା । ସେନ୍ତା ଶହେ ବଛର୍‌ନୁ ଅଏତ୍‌କା ପୁର୍‌ନା ବିଦ୍ୟାଳୟ

କି ସ୍ୱାଧୀନତା ଆଘର୍ ବିଦ୍ୟାଳୟମାନ୍‌କେ ଐତିହ୍ୟ ବିଦ୍ୟାଳୟ କର୍‌ବାର୍‌କେ ଭିଲ୍ ଆଲୋଚନା କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ- ବିଭାଗ୍ ସମୀକ୍ଷା        ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଏତ୍‌କେ ଫି' ବିଭାଗ୍‌ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ୍‌ର ସମୀକ୍ଷା କର୍‌ବେ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ନିକୁଞ୍ଜ ବିହାରୀ ଧଳ ସବୁ ବିଭାଗ୍‌ର ଅତିରକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସଚିବ ଆଉ କମିଶନର୍ ମାନ୍‌କୁ ଜନେଇଛନ୍ । ସେ କହିଛନ୍ ଯେ, ଖାସ୍ କରି ବିଭାଗ୍‌ର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି, ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ର ଅଗ୍ରଗତି ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା । ଇତାର୍‌ଛଡ଼ା ବିଭାଗୀୟ ସ୍ତର୍ ନ ଅର୍ଥନୈତିକ ଅଗ୍ରଗତି ମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ, ଉନ୍ନୟନ୍ କମିଶନର୍‌ଙ୍କର୍ ତର୍‌ଫୁ ନିଆଯାଉଥିବା ନିଷ୍ପତି ଆର୍ କେବିନେଟ୍ ନିଷ୍ପତିର୍ କାର୍ଯ୍ୟାନ୍ୱୟନ୍ ବାବ୍‌ଦେ ଭିଲ୍ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ।

ରାଜସ୍ୱ- ବାତ୍ୟା ସାହାଜ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍ଫୁ  ବାତ୍ୟା 'ଦାନା'ଥି ନୁକ୍ସାନ୍ ହେଇଥିବା ଜିଲ୍ଲାମାନ୍‌କୁ ପହେଲା ଖେପେ ୪ ଶହ ୨୩ କୋଟି ୫ ଲାଖ୍ ଟଙ୍କା ସାହାଜ୍ ଟଙ୍କା ଦିଆଯାଇଛେ । ସବୁନୁ ଜହ ଫସଲ୍ ନୁକ୍ସାନ୍ ଲାଗି ୮୨ ଲାଖ୍ ୯୨ ହଜାର୍ ୮ ଶହ ୧୭ ଟଙ୍କା ଦିଆଯାଇଥିବାର୍ ବେଲେ ସାଧାରଣ ସମ୍ପତି ନୁକ୍ସାନ୍ ବାବ୍‌ଦେ ୨୯ ଲାଖ୍ ୩୪ ହଜାର୍ ଟଙ୍କା ଦିଆଯାଇଛେ । ଇ ବାବ୍‌ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ ଯେ, ଅନ୍‌ଲାଇନ୍ ଜରିଏ ଇ ଟଙ୍କା ଦିଆଯାଇଛେ । ୭ ଦିନ୍ ଭିତ୍‌ରେ ଜିଲ୍ଲାପାଲ୍‌ମାନେ ନୁକ୍ସାନ୍ ହେଇଥିବା ବିଭାଗ୍ ମାନ୍‌କୁ ଇ ଟଙ୍କା ଦେବେ ।

ଦାଦନ୍ ବିସ୍ଥାପନ ସମସ୍ୟା-ବୈଠକ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଦାଦନ୍ ବିସ୍ଥାପନ୍ ସମସ୍ୟାର୍ ସମାଧାନ୍ ଲାଗି ମୁଖ୍ୟଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି  ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି  ଦାଦନ୍ ସମସ୍ୟାର୍ ସମାଧାନ୍ ଲାଗି ବଛର୍‌କେ ୨ ଶହ ନୁ ୩ ଶହ ଦିନ୍ କାମ୍ ଯୁଗାବାର୍‌କେ ନିଷ୍ପତି

ନିଆଯାଇଛେ । ଜିଲ୍ଲା ପ୍ରଶାସନ୍ ଇଥିର୍‌ଲାଗି ଦର୍‌କାରୀ ପଦକ୍ଷେପ୍ ନେଇକରି ଦାଦନ୍ ଯାଉଥିବା ଲୋକ୍‌ମାନ୍‌କୁ ଚିହ୍ନଟ୍ କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ନିର୍ଦ୍ଦେଶ୍ ଦେଇଛନ୍ । ଖାସ୍ କରି ବର୍‌ଗଡ୍, ବଲାଙ୍ଗିର୍, ନୂଆପଡ଼ା, କଲାହାଣ୍ଡି, ସୁବର୍ଣ୍ଣପୁର୍ ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲାର୍ ଅଏତ୍‌କା ପରିବାର୍ ଦାଦନ୍ ଶ୍ରମିକ୍ ଭାବେ କାମ୍ କର୍‌ବାର୍ ଲାଗି ବାହାର୍‌କେ ଯାଉଥିବାର୍ ଜନାପଡ଼ିଛେ । ବୈଠକ୍‌ଥି ଇ ଜିଲ୍ଲାମାନ୍‌କର୍ ଜିଲ୍ଲାପାଲ୍ ଆଭାସୀ ଜରିଏ ଯୋଗ୍ ଦେଇକରି ସେମାନ୍‌କର୍ ଜିଲ୍ଲାନୁ ଯାଉଥିବା ଦାଦନ୍ ଶ୍ରମିକ୍ ମାନ୍‌କୁ ରୁକ୍‌ବାର୍ ଲାଗି ନିଆଯାଇଥିବାର୍ ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ ।

ବାଚସ୍ପତି -ସିଡ୍‌ନୀ          ଆର୍‌ଏନ୍‌ୟୁ /ସମ୍ବଲପୁର

ବାଚସ୍ପତି ସୁରମା ପାଢ଼ୀ ଅଷ୍ଟ୍ରେଲିଆର୍ ସିଡ୍‌ନୀ ଠାନେ ହେଇଥିବା ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ ନମ୍ବର୍ ସମ୍ମିଳନୀଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ‘ସଂସଦୀୟ କାର୍ଯ୍ୟପଦ୍ଧତି ଓ କାର୍ଯ୍ୟଧାରା’ଥି କୃତ୍ରିମତାର ପ୍ରୟୋଗ, ସୁଯୋଗ୍ ଆଉ ଆହ୍ୱାନ ଶୀର୍ଷକ କର୍ମଶାଳାଥି ଭାଷଣ୍ ଦେଇଛନ୍ । ସେ କହିଛନ୍ ଯେ, କୃତ୍ରିମ ବୁଦ୍ଧିମତାର ପ୍ରୟୋଗ୍ ସମିଆଥି ଇତାର୍

ଗୁଟେ ସକାରାତ୍ମକ୍ ଆଉ ନକାରାତ୍ମକ ଦିଗ୍ ବାବ୍‌ଦେ ସଚେତନ୍ ରହିକରି କାମ୍ କର୍‌ବାର୍‌କେ ପଡ଼୍‌ବା । ୨ ନମ୍ବର୍ ଅଧିବେଶନ୍‌ଥି ଉଦ୍‌ବୋଧନ୍ ଦେଇକରି ବ୍ୟବସ୍ଥାପକ୍ ସଭାର ସମର୍ଥନ୍ ଆର୍ ସହଯୋଗ୍‌ଥି କେନ୍ତା କିନ୍ନର୍ ଆର୍ ଟ୍ରାନ୍ସଜେଣ୍ଡର୍ ମାନ୍‌କୁ ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ କରାଯାଇପାର୍‌ବା ସେ ବାବ୍‌ଦେ ଶ୍ରୀମତୀ ପାଢ଼ୀ ବକ୍ତବ୍ୟ ରଖିଥିଲେ ।

ବିଦ୍ୟୁତ୍ ଗ୍ରୀଡ୍ ଆର୍ ସବ୍‌ଷ୍ଟେସନ୍-ଶକ୍ତିମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ଚାଲୁଥିବା ୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ ଆର୍ ସବ୍‌ଷ୍ଟେସନ୍ କାମ୍ ୨୦୨୫ ତକ୍ ପୁରା କର୍‌ବାର୍ ଆଉ ପୁର୍‌ନା ଟ୍ରାନ୍ସଫର୍ମର୍ ଆର୍ ଗ୍ରୀଡ୍ ମାନ୍‌କର୍ ଅପ୍‌ଗ୍ରେଟ୍ ଆର୍ ପୁନରୁଦ୍ଧାର୍ କର୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପରାମର୍ଶ ଦେଇଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ହେଇଥିବା ଶକ୍ତି ବିଭାଗ୍‌ର ସମୀକ୍ଷା ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଦର୍‌କାରୀ ଜାଗା ଚିହ୍ନଟ୍ କରିକରି ହାତୀ କରିଡ଼ର୍ ଆର୍ ଇତାର୍ ପାଖର୍ ବିଦ୍ୟୁତ୍ ଗ୍ରୀଡ୍ ମରାମତି କାମ୍‌କେ ତ୍ୱରାନ୍ୱିତ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ଉପମୁଖ୍ୟମନ୍ତ୍ରୀ-ଜୈବିକ କୃଷି ଆର୍‌ଏନ୍‌ୟୁ /ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ଲୋକସେବା ଭବନ୍ ନ ଇସ୍ରାଏଲ୍ ଇନ୍‌ସେକ୍ଟିକା କମ୍ପାନୀର୍ ଅଧ୍ୟକ୍ଷ ବେଞ୍ଜାମିନ୍ ରୁବିଙ୍କର୍ ସାଙ୍ଗେ ଓଡ଼ିଶା ନ ଜୈବିକ କୃଷି ବାବ୍‌ଦେ ଆଲୋଚନା କରିଛନ୍ । ଏଛେନ୍ ଜୈବିକ କୃଷିର ଗୁରୁତ୍ୱ ଆଉ ଆବଶ୍ୟକତା ବଢ଼୍‌ବାର୍‌କେ ଲାଗିଛେ । ଇଥିର୍‌ଲାଗି ଓଡ଼ିଶା ନ ଜୈବିକ ପ୍ରକ୍ରିୟାଥି ତିଆର୍ ହେଇଥିବା ବାୟୋ ଫର୍ଟିଲାଇଜର୍‌କେ ବିକ୍ରି କର୍‌ବାର୍‌କେ ଇନ୍‌ସେକ୍ଟିକା କମ୍ପାନୀର୍ ଅଧ୍ୟକ୍ଷ ପ୍ରସ୍ତାବ୍ ଦେଇଥିବା ଜନାପଡ଼ିଛେ । ସବୁ ଯାଂଚ୍ ପ୍ରକ୍ରିୟା ସର୍‌ବାର୍ ଉତ୍‌ରୁ ଇତାର୍ ଉପ୍‌ରେ ପଦକ୍ଷେପ୍ ନିଆଯିବା ବଲି ଶ୍ରୀ ସିଂହଦେଓ କହିଛନ୍ ।

ନୂଆପଡ଼ା-କେନ୍ଦ୍ରମନ୍ତ୍ରୀ ନୂଆପଡ଼ା ସମ୍ବାଦଦାତା

କେନ୍ଦ୍ର ମହିଳା ଆର୍ ବାଳ ବିକାଶ୍ ମନ୍ତ୍ରୀ ସାବିତ୍ରୀ ଠାକୁର୍ ନୂଆପଡ଼ା ଜିଲ୍ଲାକେ ୨ ଦିନିଆ ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ନୂଆପଡ଼ାର ବିଜେପି ଜିଲ୍ଲା

କାର୍ଯ୍ୟାଳୟ ନ ଦଲର୍ କର୍ମୀମାନ୍‌କର୍ ତର୍‌ଫୁ ଦିଆଯାଇଥିବା ସମ୍ବର୍ଦ୍ଧନା ସଭାଥି ସେ ଯୋଗ୍ ଦେଇଥିଲେ । ଆଏଜ୍ ସେ ନୂଆପଡ଼ା ଯାଇକରି ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କର୍‌ବାର୍ ସହେତେ ଅଙ୍ଗନବାଡ଼ି କେନ୍ଦ୍ରମାନ୍ ବୁଲି ଦେଖିବେ । ଇତାର୍‌ଉତ୍‌ରୁ ସେ ନବରଙ୍ଗ୍‌ପୁର୍ ଜିଲ୍ଲା ଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୧୭ ତାରିଖ୍ ଦିନ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ଦିଆଯିବା ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ କହିଛନ୍ । ଗଲାବଛର୍ ଅଗଷ୍ଟ ମାସେ ୨୦୨୦, ୨୧ ଆର୍ ୨୨ ମସିହାଥି ଏକାଥର୍‌କେ ୩ ବରସ୍ ଲାଗି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ଲାଗି ବିଜ୍ଞପ୍ତି ବାହାରିଥିଲା । ଇ ପୁରସ୍କାର୍ ଲାଗି ୪୦ ନୁ ଅଏତ୍‌କା ଚଳଚ୍ଚିତ୍ର ଆବେଦନ୍ କରାଯାଇଥିବାର୍ ଜନାପଡ଼ିଛେ ।